୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

Bhubaneswar Wednesday December 10 ଭୁବନେଶ୍ୱର ବୁଧବାର, ୧୦, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଧାର୍ମିକ ପୀଠସ୍ଥଳୀକୁ ନେଇ ଦୁଇ ସମ୍ପ୍ରଦାୟ ମୁହାଁ ମୁହିଁ



କାକଟପୁର,(ପି.ଏନ):ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ହାଟ ଗଳିରେ ଥିବା ଏକ ଜମିକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି । ବହୁ ବର୍ଷ ଧରି ସମ୍ପୃକ୍ତ ଜମିରେ ଥିବା ଗୋଟେ ତ୍ରିନାଥ ମଣ୍ଡପରେ ହିନ୍ଦୁ ସମ୍ପ୍ରଦାୟର ଲୋକ ପୂଜାର୍ଚ୍ଚନା କରି ଆସୁଥିଲେ । ସେଠାରେ ଏକ ବେଲ ଗଛ ଓ ତୁଳସୀ ଗଛ ରହିଥିଲା । ସ୍ଥାନୀୟ ଲୋକମାନେ ସେଠି ତ୍ରିନାଥ ମେଳା କରିବା ସହିତ ଉକ୍ତ ବେଲ ଗଛ ଓ ତୁଳସୀ ଗଛକୁ ପୂଜା କରି ଆସୁଥିଲେ । ମାତ୍ର କିଛି ବର୍ଷ ପୂର୍ବେ ? କିଛି ମୁସଲିମ ଲୋକ ସେଠି ପୀର ବାବାଙ୍କ ସ୍ଥାନ ଦର୍ଶାଇ ତାହାକୁ କବ୍ଜା କରି ମସଜିଦ ବନାଇବାକୁ ପ୍ରୟାସ କରିଥିଲେ ।ସେହି ସମୟରେ ଦୁଇ ସମ୍ପ୍ରଦାୟ ଲୋକଙ୍କ ମଧ୍ୟରେ ବାଦ ବିବାଦ ହେବାରୁ ଆଇନ ଅନୁସାରେ ପ୍ରଶାସନ ଦ୍ୱାରା ଉକ୍ତ ସ୍ଥାନକୁ ୨୦୧୨ ମସିହାରେ ବନ୍ଦ କରାଯାଇଥିଲା ବୋଲି ବିଶ୍ୱ ହିନ୍ଦୁ ପରିଷଦ ସଭ୍ୟମାନେ କହିଛନ୍ତି । ମାତ୍ର ଏବେ କିଛି ଦିନ ହେବ କିଛି ମୁସଲିମ ସମ୍ପ୍ରଦାୟ ବ୍ୟକ୍ତି ବନ୍ଦ ଥିବା ଉକ୍ତ ସ୍ଥାନ ଖୋଲି ସେଠି ତୁଳସୀ ଗଛ କାଟି ସେଇଟା ହିନ୍ଦୁଙ୍କ ପ୍ରାର୍ଥନା ଜଗା ନୁହେଁ । ବରଂ ଏଇଟା ମଜାର ବୋଲି ଦବି କରିଛନ୍ତି । ଯାହାକୁ ନେଇ ବିଶ୍ୱ ହିନ୍ଦୁ ପରିଷଦର ସଭ୍ୟମାନେ ମଙ୍ଗଳବାର ବିରୋଧ ପ୍ରଦର୍ଶନ କରିବା ସହ ଆଇନର ହସ୍ତକ୍ଷେପ ଲୋଡ଼ି ଉକ୍ତ ସ୍ଥାନକୁ ଆଇରନ ୱେଲ୍ଡିଂ କରି ସବୁଦିନ ପାଇଁ ବନ୍ଦ କରିବାକୁ ନିଷ୍ପତି ନେଇଥିବା ବେଳେ କିଛି ମୁସଲିମ ଲୋକ ଏହା ପୀର ବାବା ସ୍ଥାନ ଦାବି କରି ଖୋଲିବାକୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏହି ବିଷୟରେ ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି ତଦନ୍ତ ପରେ ନିଷ୍ପତି ନିଆଯିବ । ଏବେ ସମ୍ଭାବ୍ୟ ସାମ୍ପ୍ରଦୟିକ ବିବାଦ ପରିସ୍ଥିତି ଉପୁଜିଥିବାରୁ ସ୍ଥାନୀୟ ଅ*ଳରେ ଉତେଜନା ପ୍ରକାଶ ପାଇଛି ।

# ବରିଷ୍ଠ ନାଗରିକଙ୍କୁ ଶୀତ ବସ୍ତ୍ର ବଂଟନ



ବାଲିଅନ୍ତା,(ପି.ଏନ): ଭୁବନେଶ୍ୱର ଉପକଣ୍ଠ ଉମାଦେଇବ୍ରହ୍ମପୁର ପଂଚାୟତ ଅଧିନସ୍ତ ଶ୍ରୀ ସୁଦର୍ଶନ ଦାରୁପୀଠ ନିକଟରେ ଥିବା ମୋଦୀ ଅରଣ୍ୟ ବାଟିକାରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଓଡ଼ିଶାର ସୁପ୍ରତିଷ୍ଠିତ ମଂଚ,ଦୂରଦର୍ଶନର ଉପସ୍ଥାପକ ତଥା ସମାଜସେବୀ ଶୁଭୋଜିତ୍ ପଣ୍ଡାଙ୍କ ତରଫରୁ ବରିଷ୍ଠ ନାଗରିକମାନଙ୍କୁ ଶୀତ ଦାଉରୁ ରକ୍ଷା ଉଦ୍ଦେଶ୍ୟରେ କମ୍ବଳ ବଂଟନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ଉମାଦେଇବ୍ରହ୍ମପୁର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ଲକ୍ଷ୍ମଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ସୁସ୍ଥ ହେଉଛନ୍ତି ମାନସିକ ରୋଗୀ ଜ୍ୟୋସ୍ନା : ସମାଜର ମୁଖ୍ୟ ସ୍ରୋତରେ ହେବେ ସାମିଲ



ପାରାଦୀପ,(ପି.ଏନ): ପାରାଦୀପ ପୌରାଂଳର ୧୪ ନମ୍ବର ୱାର୍ଡ ଅନ୍ତର୍ଗତ ସଞ୍ଜୟଗାନ୍ଧୀ ବସ୍ତିରେ ରହୁଥିବା ଗରିବ ବିଧବା ନଳିନୀ ସ୍ୱାଇଁ ଙ୍କ ଝିଅ ଜ୍ୟୋଷ୍ନା ସ୍ୱାଇଁ (୨୦) ମାନସିକ ବିକାରଗ୍ରସ୍ତ ହୋଇ ଅର୍ଥାଭାବ ଯୋଗୁଁ ରୋଗର ଚିକିତ୍ସା ହୋଇ ନପାରି ଦୀର୍ଘଦିନ ଧରି ଲୁହା ଶିକୁଳିରେ ବନ୍ଧା ହୋଇ ରହୁଥିଲା । ତେବେ ଖବର ପାଇ ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ସ୍ନେହମୟୀ ଆଚାର୍ଯ୍ୟ ଝିଅର ଚିକିତ୍ସା ନିମନ୍ତେ ପୁରୀର କଣାସ ଠାରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନକୁ ନେଇଥିଲେ । ସେଠାରେ କିଛିଦିନ ଚିକିତ୍ସା ଓ ଯତ୍ନ ପରେ ଏବେ ଜ୍ୟୋଷ୍ନା ମୁହଁରେ ହସ ଦେଖାଦେଇଛି । ସେଠାରେ ଥିବା ଅନ୍ତେବାସୀ ପିଲାଙ୍କ ସହ ଖେଳ କୁଦ ସହିତ ନାଚ଼ ଗୀତରେ ସାମିଲ ହୋଇ ଜ୍ୟୋଷ୍ନା ବେସ ଖୁସି ଥିବା ଏବଂ ସୁସ୍ଥ ହେବାରେ ଲାଗିଛି ବୋଲି କହିଛନ୍ତି ସମାଜସେବୀ ସ୍ନେହମୟୀ । ଝିଅର ସୁସ୍ଥତା ପରେ ସେ ପୁଣିଥରେ କଲେଜରେ ପାଠ ପଢିବ ଏବଂ ସମାଜର ମୂଖ୍ୟ ସ୍ରୋତରେ ସାମିଲ ହୋଇ ପରିବାରର ସାହାରା ହେବ ବୋଲି ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଦୃଢୋକ୍ତି ପ୍ରକାଶ କରିଛନ୍ତି । ତେବେ ଆଜିର ସ୍ୱାର୍ଥପର ଦୁନିଆରେ ସ୍ନେହମୟୀ ଙ୍କ ନିସ୍ୱାର୍ଥପର ସେବା କାର୍ଯ୍ୟ ସର୍ବ ପ୍ରଶଂସନୀୟ ହୋଇପାରିଛି ।

# ଆଣ୍ଡାମାନ ଓ ନିକୋବରରେ ଉନ୍ମୋଚିତ ହେବ ସାଭରକରଙ୍କ ବିଶାଳ ପ୍ରତିମୂର୍ତ୍ତି

ଭୁବନେଶ୍ୱର,(ପି.ଏନ): ସାଗର ପ୍ରାଣ୍ ତାଳାମାଲାଲା 'ଏହି କାଳଜୟୀ ପଂକ୍ତିଗୁଡିକ ଅଗଣିତ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଅଗ୍ନି ପ୍ରଜ୍ୱଳିତ କରିଛି । ସ୍ୱତନ୍ତ୍ରବୀର ବିନାୟକ ଦାମୋଦର ସାଭରକର ୧୧୬ ବର୍ଷ ପୂର୍ବେ ଏହି କିମ୍ବଦନ୍ତୀ କବିତାର ରଚନା କରିଥିଲେ । ଏହି ଐତିହାସିକ ଅବସରକୁ ପାଳନ କରି ଭାଲ୍ୟୁବଲ ଗ୍ରୁପ ପକ୍ଷରୁ ଆସନ୍ତା ଡିସେମ୍ବର ୧୨ ତାରିଖରେ ଆଣ୍ଡାମାନର ଶ୍ରୀ ବିଜୟ ପୁରମଠାରେ 'ସାଗର ପ୍ରାଣ୍ ତାଳାମାଲାଲା' ଶୀର୍ଷକ ଏକ ବିଶାଳ ସ୍ମାରକୀ କାର୍ଯ୍ୟକ୍ରମର ଆୟୋଜନ ହେବାକୁ ଯାଉଛି । ଏହି ଅବସରରେ ବେଓଦାନାବାଦଠାରେ ସମୁଦ୍ର ଉପକୂଳରେ ସ୍ୱତନ୍ତ୍ରବୀର ବିନାୟକ ଦାମୋଦର ସାଭରକର୍ଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ । ଏହି ଉନ୍ମୋଚନ କାର୍ଯ୍ୟକ୍ରମକୁ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ଆରଏସଏସର ସଂଘଚାଳକ ଡଃ ମୋହନ ଭାଗବତ ପରିଚାଳନା କରିବେ । ଏହି ବିଶାଳ ସମାରୋହରେ ସ୍ୱତନ୍ତ୍ର ଅତିଥି ଭାବେ ମହାରାଷ୍ଟ୍ରର ସାଂସ୍କୃତିକ ବ୍ୟାପାର ଓ ଆଇଟି ମନ୍ତ୍ରୀ ଆଡ୍‌ଭୋକେଟ ଆଶିଷ ସେଲାରଙ୍କ ସମେତ ପଦ୍ମଶ୍ରୀ ପଣ୍ଡିତ ହୃଦୟନାଥ ମଙ୍ଗେସକର, ଉଷା ମଙ୍ଗେସକର, ରଣଦୀପ ହୁଡା, ଡକ୍ଟର ବିକ୍ରମ ସମ୍ପଥ ଓ ଶରଦ ପୋଙ୍କସେଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରତିମୂର୍ତ୍ତିକୁ ମୁମ୍ବାଇସ୍ଥିତ ଭାଲ୍ୟୁବଲ ଗ୍ରୁପର ପ୍ରତିଷ୍ଠାତା, ଶ୍ରୀ ଅମିୟ ହେଟେ ପରିକଳ୍ପନା କରିବା ସହ ତାହାକୁ ଜୀବ' ରୂପ ଦେଇଛନ୍ତି । ଏହି ପ୍ରତିମୂର୍ତ୍ତି ସାଭରକରଙ୍କ ଅଟଳ ଜାତୀୟତାବାଦ, ତ୍ୟାଗ ଓ ନିର୍ଭୀକ ଚନ୍ତାଧାରାର ଏକ ଜୀବନ୍ତ ପ୍ରତୀକ ଭାବେ ଉଭା ହେବ । ଏହି ପ୍ରତିମୂର୍ତ୍ତିକୁ ନିକଟରେ ମହାରାଷ୍ଟ୍ର ଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିବା ଶ୍ରୀ ରାମ ସୁତାର ନିର୍ମାଣ କରିଛନ୍ତି । କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପଣ୍ଡିତ ହୃଦୟନାଥ ମଙ୍ଗେସକର, ଉଷା ତାଇ ଓ ତାଙ୍କ ଟିମ ଦ୍ୱାରା ସଭରକରଙ୍କ ରଚୟିତ 'ନେ ମାଜସି ନେ ପାରତ ମାତୃଭୂମିଲା, ସାଗର ପ୍ରାଣ ତାଲାମାଲାଲା.....' ପ୍ରଦର୍ଶିତ ହେବ । ଏସମ୍ପର୍କରେ ଭାଲ୍ୟୁବଲ ଗ୍ରୁପର ପ୍ରତିଷ୍ଠାତା ଶ୍ରୀ ଅମିୟ ହେଟେ କହିଛନ୍ତି, 'ଏହି ସମାରୋହ କେବଳ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରେରଣାଦାୟୀ ଇତିହାସ ପ୍ରତି ଏକ ବିନମ୍ର ସଲାମ । ଭବିଷ୍ୟତ ପିଢିଙ୍କ ହୃଦୟରେ ଦେଶପ୍ରେମର ଜ୍ୱାଳା ପ୍ରଜ୍ୱଳିତ କରିବା ପାଇଁ ଏହା ଏକ ପ୍ରୟାସ ଅଟେ ।

# କେଏଲ୍ଏଫ ଓ ପେଙ୍ଗୁଇନ ପକ୍ଷରୁ ଦ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ




ଭୁବନେଶ୍ୱର,(ପି.ଏନ): ପେଙ୍ଗୁଇନ ରାଣ୍ଡମ ହାଉସ ଇଣ୍ଡିଆ ସହ ସହଭାଗିତାରେ କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲଏଫ) ପକ୍ଷରୁ ଶୁଭାରମ୍ଭ ହେବାକୁ ଯାଉଛି କେଏଲ୍ଏଫ ପେଙ୍ଗୁଇନ ପୁସ୍ତକ ସମୀକ୍ଷା ପ୍ରତିଯୋଗିତା - ଦ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ' । ଏହି ଉତ୍ସାହଜନକ ଜାତୀୟ ପଦକ୍ଷେପ ପୁସ୍ତକ ପାଇଁ ଆଗ୍ରହକୁ ଉଜ୍ଜୀବିତ କରିବା, ଉତ୍ସାହପୂର୍ଣ୍ଣ ସାହିତ୍ୟିକ ଆଲୋଚନାକୁ ପ୍ରୋତ୍ସାହିତ କରିବା ଓ ଭାରତର କୋଣ ଅନୁକୋଣରୁ ପାଠକମାନଙ୍କୁ ସଂଯୋଜିତ କରିବା ପାଇଁ ଲକ୍ଷ୍ୟ ରଖିଛି । କେଏଲ୍ଏଫ ଢ ପେଙ୍ଗୁଇନ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ ପୁସ୍ତକ ପ୍ରେମୀମାନଙ୍କୁ ୧୦ଟି ସ୍ୱତନ୍ତ୍ର ପୁସ୍ତକକୁ ପଢିବା, ସମୀକ୍ଷା କରିବା ଓ ତାହା ଉପରେ ନିଜର ମତାମତ ସେୟାର କରିବା ପାଇଁ ଆମନ୍ତ୍ରିତ କରିଛି । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀଙ୍କୁ ଭାରତର ଏହି ଅନ୍ୟତମ ସର୍ବାଧିକ ସମ୍ମାନଜନକ ସାହିତ୍ୟ ମହୋତ୍ସବ ରେ ଉତ୍ସାହଜନକ ପୁରସ୍କାର ଜିତିବା ଓ ସ୍ୱୀକୃତି ପାଇବା ପାଇଁ ସୁଯୋଗ ପ୍ରଦାନ କରିବ । ଏହି ପ୍ରତିଯୋଗିତା ଡିସେମ୍ବର ୩ ତାରିଖ ୨୦୨୫ରୁ ଲାଇଭ ରହିଛି ଓ ଡିସେମ୍ବର ୨୨ ତାରିଖ ୨୦୨୫ ପର୍ଯ୍ୟ' ଚାଲିବ । ପ୍ରତିଯୋଗିତା ପାଇଁ ପଠନ ତାଲିକାରେ ପେଙ୍ଗୁଇନର ଏଡିଟୋରିଆଲ ଟିମ୍ ଦ୍ୱାରା ଚୟନ କରାଯାଇଥିବା ଏକ ଯତ୍ନଶୀଳ ଭାବେ ମନୋନିତ ପୁସ୍ତକଗୁଡିକ ସାମିଲ ରହିବ । ପୁସ୍ତକ ପାଇନଥିବା ଅଂଶଗ୍ରହଣକାରୀଙ୍କୁ ସହଜରେ ଆକ୍ସେସ କରାଯାଇପାରୁଥିବା ଆମାଜନ ଲିଙ୍କ ପ୍ରଦାନ କରାଯିବ । ପୁସ୍ତକଗୁଡିକୁ ପଢିବା ପରେ ଅଂଶଗ୍ରହଣକାରୀମାନେ ପୁସ୍ତକର ଏକ ଫଟୋ ସହିତ ୧୦୦୦ ଶବ୍ଦ ମଧ୍ୟରେ ଏକ ସମୀକ୍ଷା ଦାଖଲ କରିବେ, ଯାହାକୁ ସେମାନେ ନିଜର ଇନ୍ଷ୍ଟାଗ୍ରାମ ପେଜ୍‌ରେ ସେୟାର କରିବେ । ପରେ ସମୀକ୍ଷାଗୁଡିକୁ କେଏଲଏଫ ଓ ପେଙ୍ଗୁଇନ ଦ୍ୱାରା ଇନ୍ଷ୍ଟାଗ୍ରାମ ଷ୍ଟୋରୀରେ ସେୟାର କରାଯିବ । ପ୍ରତିଯୋଗିତାର ଚୟନ ପ୍ରକ୍ରିୟାରେ କେଏଲଏଫ ୧୫ଟି ଟାଇଟଲର ଏକ ସର୍ଟଲିଷ୍ଟ ପ୍ରସ୍ତୁତ କରିବାରେ ସହଯୋଗ କରିବ, ଯେଉଁଥିରୁ ପେଙ୍ଗୁଇନର ଦୁଇ ଜଣ ଏଡିଟର ଓ କେଏଲଏଫର ଜଣେ ପ୍ରତିନିଧିଙ୍କ ଏକ ଜୁରୀ ବିଜେତାଙ୍କୁ ଚୟନ କରିବ । ଏହି ପ୍ରତିଯୋଗିତାର ବିଜେତାଙ୍କ ପାଇଁ ୧୦,୦୦୦ ଟଙ୍କାର ପୁରସ୍କାର ଓ ରନର୍-ଅପଙ୍କ ପାଇଁ ୫୦୦୦ ଟଙ୍କାର ପୁରସ୍କାର ସହିତ ପେଙ୍ଗୁଇନର ପ୍ରକାଶିତ ପୁସ୍ତକଗୁଡିକର ଏକ ହାମ୍ପର ରହିଛି । ଆସ'। ଜାନୁଆରୀ ୨୦୨୬ରେ ମେ'ଫେୟାର ହୋଟେଲ, ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା କଳିଙ୍ଗ ଲିଟ୍‌ରେଚର ଫେଷ୍ଟିଭାଲ ସମୟରେ ଏହି ପୁରସ୍କାର ପ୍ରଦାନ କରାଯିବ । ଏସମ୍ପର୍କରେ କେଏଲଏଫର ସିଇଓ ଅଶୋକ କୁମାର ବଳ କହିଛନ୍ତି, 'ପାଠକମାନଙ୍କୁ ସମୀକ୍ଷା କରିବା ଓ ନିଜର ବିଚାରଧାରା ସେୟାର କରିବା ପାଇଁ ପ୍ରୋତ୍ସାହିତ କରି ଆମେ ପଠନ ପାଇଁ ଏକ ଆଗ୍ରହକୁ ପୁନଃଜାଗ୍ରତ କରିବା ସହ ସାହିତ୍ୟିକ ସ୍ୱରଗୁଡିକର ପରବର୍ତୀ ସ୍ୱରକୁ ଅନୁପ୍ରାଣିତ କରୁଛୁ । ଏହି ପ୍ରତିଯୋଗିତା କେବଳ ବିଜୟ ସମ୍ପର୍କିତ ନୁହେଁ, ଏହା ଆମର ବିଶ୍ୱକୁ ଆକାର ଦେଉଥିବା, କଳ୍ପନାଗୁଡିକୁ ପ୍ରୋତ୍ସାହିତ କରୁଥିବା ଓ ଆମ ସମସ୍ତଙ୍କୁ ସଂଯୋଜିତ କରୁଥିବା କାହାଣୀଗୁଡିକ ପାଇଁ ଭଲ ପାଇବାକୁ ପୁନଃଜାଗ୍ରତ କରିବା ସମ୍ବନ୍ଧିତ ଅଟେ ।' ସେହିପରି ପେଙ୍ଗୁଇନ ରାଣ୍ଡମ ହାଉସ ଇଣ୍ଡିଆର କର୍ପୋରେଟ କମ୍ୟୁନିକେଶନ୍ସ ବିଭାଗର ଜିଏମ୍ ପଲ୍ଲବୀ ନାରାୟଣ କହିଛନ୍ତି, 'କେଏଲଏଫ ନିର'ର ଭାବେ ପଠନକୁ ସମର୍ଥନ କରିଆସିଛି ଓ ସାହିତ୍ୟିକ ଜିଜ୍ଞାସାର ସଂସ୍କୃତିକ ପ୍ରୋତ୍ସାହିତ କରିଆସିଛି ଏବଂ ଆମେ ଏହି ପଦକ୍ଷେପରେ ସେମାନଙ୍କ ସହ ସହଭାଗିତା କରି ଆନନ୍ଦିତ । କେଏଲ୍ଏଫ ଭଳି ସାହିତ୍ୟ ମହୋତ୍ସବଗୁଡିକ ଲେଖକ, ପ୍ରକାଶକ ଓ ପାଠକମାନଙ୍କୁ ସମାନ ଜୀବନ୍ତ କ୍ଷେତ୍ରରେ ଏକତ୍ରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ଏବଂ ଆମେ ଏଭଳି ଏକ ପ୍ରକଳ୍ପରେ ସହଯୋଗ କରି ଗର୍ବିତ, ଯାହା ଷ୍ଟୋରୀଟେଲିଂକୁ ପାଳନ କରୁଛି ଓ ଦେଶର ପଠନ ସମୁଦାୟକୁ ସଶକ୍ତ କରୁଛ ।

# ପାରାଦୀପ ପୌର ପରିଷଦ ସହଯୋଗରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନବ ପ୍ରାଧିକରଣର କର୍ମଶାଳା ଅନୁଷ୍ଠିତ




ପାରାଦୀପ ,(ପି.ଏନ): ପାରାଦୀପ ପୌର ପରିଷଦ ସହଯୋଗରେ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ.ଏସ୍.ଏସ୍.ଏ. ଆଇ) ର ଏକ କର୍ମଶାଳା ମଙ୍ଗଳବାର ପୂର୍ବାହ୍ନ ୧୦.୩୦ ମିନିଟ ସମୟରେ ଜୟଦେବ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାରେ ପାରାଦ୍ୱୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷ, ସମସ୍ତ ପାରିଷଦ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ମେଡିକାଲ ଅଫିସର ଡ. ଅଲ୍ଲି ଓ ଏଫ.ଏସ୍.ଏସ୍.ଏ.ଆଇ ର ଅଧିକାରୀ ସୌରଭ ରୋହିଲା ଓ ପ୍ରଶିକ୍ଷକ କୁଲ୍ ?ଭୁଷଣ ଭାଟି ତଥା ହିତାଧିକାରୀ ଭାବେ ରାସ୍ତାକଡରେ ଖାଦ୍ୟ ସାମଗ୍ରୀ ବିକ୍ରୟ କରୁଥିବା ସମସ୍ତ ରାସ୍ତାକଡ ବିକ୍‌ରେତା ଦୋକାନୀ ମାନେ ଅଂଶଗ୍ରହଣ କରିଥିଲେ ଓ ଏହି ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳାରେ ଏଫ.ଏସ୍.ଏସ୍.ଏ.ଆଇ ଓ ପାରାଦ୍ୱୀପ ପୌର ପରିଷଦର ମିଳିତ ସହଯୋଗରେ ଆୟୋଜନ କରାଯାଇ ଥିଲା । ସୁରକ୍ଷିତ ଖାଦ୍ୟ ବ୍ୟବସାୟ ଏବଂ ସ୍ଥାୟୀ ଜୀବିକା ପାଇଁ ଜରୁରୀ ପ୍ରମୁଖ ସରକାରୀ ଯୋଜନା, ଆଇନ୍ ଗତ ଅନୁପାଳନ ଏବଂ ସ୍ୱଚ୍ଛତା ଅଭ୍ୟାସ ବିଷୟରେ ସ୍ଥାନୀୟ ରାସ୍ତା ବିକ୍ରେତା ମାନଙ୍କୁ ସୁଚ଼ନା ଦେବା ଏବଂ ସଶକ୍ତ କରିବା ଉଦେଶ୍ୟରେ ଜୟଦେବ ସଦନ ଠାରେ ଏକ ରାସ୍ତା ବିକ୍ରେତା ମାନଙ୍କ ସଚେତନତା କର୍ମଶାଳା ଅୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ସମୟରେ, ଅଂଶ ଗ୍ରହଣକାରୀ ମାନଙ୍କୁ ପ୍ରଧାନ ମନ୍ତ୍ରୀ ସ୍ୱନିଧି ଯୋଜନା ସମ୍ବନ୍ଧରେ ସଚେତନ କରାଯାଇ ଥିଲା, ଯାହା ରାସ୍ତା ବିକ୍ରେତା ମାନଙ୍କୁ ବିନା ବନ୍ଧକରେ କାର୍ଯ୍ୟକାରୀ ପୁଞ୍ଜି ଋଣ ପ୍ରଦାନ କରେ ଏବଂ ଡିଜିଟାଲ କାରବାର ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ସମର୍ଥନ କରେ । ଏହି କର୍ମଶାଳାରେ ଏଫ.ଏସ୍.ଏସ୍.ଏ.ଆଇ ପଞ୍ଜିକରଣ ଆବଶ୍ୟକତା ଉପରେ ଏକ ଅଭିମୁଖୀକରଣ ମଧ ଅନ୍ତର୍ଭୁକ୍ତ ହୋଇଥିଲା ଯେଉଁଥିରେ ଖାଦ୍ୟ ବିକ୍ରେତାଙ୍କ ପାଇଁ ଖାଦ୍ୟ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ନିରାପଦ ପରିଚ଼ାଳନା ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା ଓ ଅଂଶ ଗ୍ରହଣ କରିମାନଙ୍କୁ ଏଫ.ଏସ୍.ଏସ୍.ଏ.ଆଇ ପଞ୍ଜିକୃତ ବିକ୍ରେତା ହେବାର ଲାଭ ବିଷୟରେ ଅବଗତ କରାଯାଇଥିଲା ଓ ଏହା ସହିତ ବାଣିଜ୍ୟ ଲାଇସେନ୍ସ ପାଇବା ଏବଂ ସଠିକ ପରିମଳ ମାନଦଣ୍ଡ ବଜାୟ ରଖିବା ଯେପରିକି ବର୍ଜ୍ୟବସ୍ତୁ ନିଷ୍କାସନ, ବ୍ୟକ୍ତିଗତ ପରିଚ୍ଛନତା, ସଫାଇ ଉପକରଣ ଏବଂ ଖାଦ୍ୟ ସାମଗ୍ରୀର ସୁରକ୍ଷିତ ସଂରକ୍ଷଣ ଉପରେ ମାଗଦର୍ଶନ ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରାସ୍ତା ବିକ୍ରେତା ମାନଙ୍କର ବ୍ୟବସାୟୀକ ଉନ୍ନତି ଆଣିବା, ଜନସ୍ୱାସ୍ଥ୍ୟ ସୁରକ୍ଷା ସୁରକ୍ଷିତ କରାଇବା ଏବଂ ସରକାରୀ ଢାଂଚା ଆଧାରରେ ଆନୁଷ୍ଠାନିକୀକରଣକୁ ସକ୍ଷମ କରିବା ପାଇଁ ସମର୍ଥନ କରିବା । ଉକ୍ତ କର୍ମଶାଳାକୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସୁଭାରମ୍ଭ କରିଥିବା ବେଳେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ବିଜୁ ମେମୋରିଆଲ ଚିକିତ୍ସାଳୟର ମେଡିକାଲ ଅଫିସର ଡ. ଅଲ୍ଲି ଏବଂ ଏଫ.ଏସ୍.ଏସ୍.ଏ.ଆଇ ଅଫିସର ସୌରଭ ରୋହିଲା ପ୍ରମୁଖ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray